
# ତ୍ରିଶକ୍ତି ଶାନ୍ତି ଯଜ୍ଞ ଓ ଜଳାଭିଷେକ



ଓଁ

*ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!*

# ତ୍ରିଶକ୍ତି ଶାନ୍ତିଯଜ୍ଞ
# ଓ
# ଜଳାଭିଷେକ


**ସ୍ଥାନ :**

ସଡ଼ଙ୍ଗୀ, କେନ୍ଦୁଝର ।

(ଫାଲଗୁନ ପାପନାଶିନୀ ଏକାଦଶୀ କୁମ୍ଭ ୨୮ଦିନଠାରୁ
ମୀନ ୨ଦିନ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ)
ଇଂରାଜୀ ତା ୧୨.୩.୨୦୧୪ରିଖ, ବୁଧବାର ଠାରୁ
ତା ୧୬.୩.୨୦୧୪ରିଖ, ରବିବାର ପର୍ଯ୍ୟନ୍ତ ।

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,

ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତି ଆଶ୍ରମ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।



## ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

ନୈବ ବ୍ରହ୍ମା ନୈବ ବିଷ୍ଣୁଃ ନୈବ ଚାସୌ ମହେଶ୍ୱରଃ ।
ତଦଙ୍ଗେ ତୁ ପ୍ରକଟିତୋ ତ୍ରିଦେବାନାଂ ସମାହାରଃ ।।
କେବଳଂ ନ ସୋଽସ୍ତି ସ୍ୱାମୀ ଗୁରୁସ୍ୱାମୀ କଳ୍ପତରୁଃ ।
ସର୍ବେଷାଂ ଗୁରୁଣାଂ ଗୁରୁଃ ଜଗଦ୍‌ଖ୍ୟାତୋ ମହାମେରୁଃ ।।
ତ୍ୱମେବ ମାତା ତ୍ୱଂ ପିତା ଏକାଙ୍ଗେ ଦ୍ୱିବିଧରୂପମ୍ ।
ପ୍ରକୃତିଃ ପୁରୁଷ ଶ୍ଚୈବ ସଚରାଚରାଶ୍ରୟମ୍ ।।
ଅନନ୍ତ ଲୀଳାନାୟକଃ ମହାମହିମାମଣ୍ଡିତମ୍ ।
ଅନନ୍ତକଳାସୁ ପୂର୍ଣ୍ଣମ୍ ଆରାଧ୍ୟଂ ସୁକାନ୍ତିସୁତମ୍ ।।

### ଓଁ ଶ୍ରୀଶ୍ରୀ ପରାମାତ୍ମନେ ନମଃ

ସ୍ରଷ୍ଟା ଯେଉଁ ଉଦ୍ଦେଶ୍ୟରେ ଏ ସୃଷ୍ଟିକୁ ନିର୍ମାଣ କଲେ, ତତ୍ ସମ୍ବନ୍ଧୀୟ ଚିନ୍ତାରେ ବୁଡ଼ିଲେ ମନ ବ୍ୟାକୁଳିତ ହୋଇଉଠେ । ଭଗବାନଙ୍କର ଅମୃତ ସନ୍ତାନ ଯିଏ ଜଗତ କଲ୍ୟାଣରେ ବ୍ରତୀ, ସେପରି ବାସ୍ତବବାଦୀ ମଣିଷଟି ସାମ୍ପ୍ରତିକ ସମାଜର ଗତି ଓ ରୀତିକୁ ଦେଖି ହତୋତ୍ସାହ ହୋଇପଡୁଛି । ବେଦନା ବନ୍ୟାର ବୁଦ୍‌ବୁଦ୍ ଫେଣରେ ସେ ଦର୍ଶନ କରେ ନିମିଷକ ଅନିତ୍ୟ ସୁଖସମୂହ, ହଠାତ୍ ଆସି ପୁଣି ମିଳେଇ ଯାଉଛି ଦୁଃଖର ଅନନ୍ତ ଜଳରାଶିରେ । ଧୂସର ଆକାଶର ପରିବ୍ୟାପ୍ତିକୁ ଚାହିଁ ଘନ ନୀଳିମାକୁ ଖୋଜି ଖୋଜି ଆଖି ଦୁଇଟି ନିରାଶ ହୋଇଯାଉଛି । କାହିଁ ସେ ସୌନ୍ଦର୍ଯ୍ୟର ପ୍ରକୃତ ସମ୍ଭାର ! ବିନା ଶରତରେ କଇଁ ଫୁଟୁଛି, ହେଲେ ଦର୍ଶନରେ ମନ ବିହ୍ୱଳ ହୋଇପାରୁ ନାହିଁ । ପ୍ରେମର ପ୍ରତୀକ ଲାଲ୍ ଗୋଲାପରୁ ଝରି ଆସେ ପ୍ରତିହିଂସାର ବହ୍ନି । ମନ ମହାକାଇବା ସୁରଭି ପରିବର୍ତ୍ତେ ଭାସିଆସେ ସ୍ନାୟୁକୁ ଦୁର୍ବଳ କଲାଭଳି ଉତ୍କଟ ଦୁର୍ଗନ୍ଧ । ଫୁଲ ପାଇଁ ଫଳ, ଫଳ ପାଇଁ ପ୍ରାଣ ନୁହେଁ । ଆଉ ଆକୁଳିତ ଋତୁ ଅପେକ୍ଷାରେ ଯେତେବେଳେ ଯାହା ଲୋଡ଼ା, ଖିଆଲ ମନର ଯାହା ଆବଶ୍ୟକ, ଦେଇ ପାରିଅଛି ଆଜିର ବିଜ୍ଞାନ । କିନ୍ତୁ ପ୍ରତୀକ୍ଷାର ଫଳ ଅତି ସ୍ୱାଦଯୁକ୍ତ ବୋଲି ଏ ନିଷ୍କର୍ଷ ଦେଇ ଯାଇଅଛନ୍ତି ମହାମନୀଷୀମାନେ । ବିଜ୍ଞାନ ସର୍ବସ୍ୱ ମଣିଷ ଅଜ୍ଞାନତାରେ ବୁଡିରହି ବୁଝି ପାରୁନାହିଁ ''ପ୍ରତୀକ୍ଷା ବିନା ପ୍ରୀତିରେ ପୁଲକ ନଥାଏ, ସୌନ୍ଦର୍ଯ୍ୟ, ଶିହରଣ

ଖେଳାଇ ପାରେନା'' । ପ୍ରତୀକ୍ଷା ପାଇଁ ମଣିଷର ଆଜି ଧୈର୍ଯ୍ୟ ନାହିଁ, ରାତିକେ ହାତୀଏ ଅର୍ଜ୍ଜନ କରିବାର ପ୍ରତିଯୋଗୀତା । ପ୍ରତିଷ୍ଠାର ଦୌଡ ପ୍ରତିଯୋଗୀତାରେ ସାମିଲ ହୋଇ ସେ କେବଳ ଆଗକୁ ଧାଇଁ ଚାଲିଛି । ପଛକୁ ଫେରି ଚାହିଁବାର ଅବସର ନାହିଁ । ଭଗବାନଙ୍କ ସୃଷ୍ଟ ପ୍ରକୃତିର ନିୟମ, ଭାରତୀୟ ସଂସ୍କୃତି, ପ୍ରଥା, ପରମ୍ପରା ଠାରୁ ବହୁତ ଦୂରରେ ତା'ର 'ବର୍ତ୍ତମାନ' । ପଦବୀ ପ୍ରତିଯୋଗୀଙ୍କର ମେଳରେ ଥାଇ ନିଜକୁ ଓ ଅନ୍ୟକୁ ଚାହିଁ ସେ ତାର ସ୍ଥିତିକୁ ମାପୁଛି । ନିଜେ ସେ କେଉଁ ପାହାଚରେ ଅବତୀର୍ଣ୍ଣ, ତା'ର ତଳ ପାହାଚରେ କେତେ ଜଣ, ଉପର ପାହାଚରେ କେତେ ଜଣ ଓ ତଳ ପାହାଚର ଲୋକଙ୍କୁ ଖାତିର ନାହିଁ । ଉପର ପାହାଚର ଲୋକଙ୍କୁ ଅଭିସନ୍ଧିମୂଳକ ଛଳନାଭରା ବ୍ୟବହାରରେ ମୋହିତ କରି ସୁଯୋଗ ଉଣ୍ଢୁଛି ସେମାନଙ୍କୁ ଖାତରେ ପୋତି ସେହି ଭିତ୍ତିଭୂମି ଉପରେ ବହୁତଳ ପ୍ରାସାଦର ତୂଳୀତଳ୍ପ ଶଯ୍ୟାରେ ଶୟନ କରିବା ପାଇଁ । ଏହି ବାସନାରେ ଜର୍ଜ୍ଜରିତ ଆଜି ସଚରାଚର । ସଂସାରୀ ଠାରୁ ଆରମ୍ଭ କରି ସାଧୁର ଖୋଳପା ପିନ୍ଧିଥିବା ଅସାଧୁ ଧର୍ମଯାଜକମାନଙ୍କ ପର୍ଯ୍ୟନ୍ତ । ବିଗତ ଯୁଗମାନଙ୍କରେ ତମଗୁଣ ପ୍ରାବଲ୍ୟ ରାକ୍ଷସମାନଙ୍କ ଦ୍ୱାରା ଧର୍ମ ହୋଇଥିଲା ଗ୍ଲାନିଯୁକ୍ତ । ହେଲେ ଆଜି ସମ୍ପ୍ରଦାୟ ନାଆଁରେ ସାମ୍ପ୍ରଦାୟିକତା, ଧର୍ମ ନାଆଁରେ ଧର୍ମାନ୍ଧତା ଭରିଯାଇଛି । ଯେଉଁ ଧର୍ମ ସମଗ୍ର ବିଶ୍ୱକୁ ଧରି ରଖିଛି, ସେ ଧର୍ମକୁ ଆଜି ମଣିଷ ଗୋଷ୍ଠୀଗତ କରି ନିଜକୁ ସ୍ୱତନ୍ତ୍ର ମନେ କରୁଛି । ଭଗବାନଙ୍କର ଶାଶ୍ୱତ ମୌଳିକ ବିଚାରଧାରାକୁ ନଷ୍ଟ କରି ସାମୟିକ ପ୍ରତିଷ୍ଠା ଲୋଭରେ ନିଜର ମତକୁ ସାର ବୋଲି ପ୍ରଚାର କରୁଛି । ମୋର ମୋର କହି ମରିବାର କର୍କଷତାରୁ ଉଠି ଆମର ଆମର ସ୍ୱର ଝଙ୍କାରରେ ଝଙ୍କୃତ ଉତ୍କର୍ଷତା ଦ୍ୱାରା ଅମର ହେବାକୁ ସେମାନେ ପ୍ରୟାସୀ ନୁହଁନ୍ତି । ସାଗରର ଅସୀମତାରେ ଏକାକାର ନ ହୋଇ ନଦୀ, ନାଳ, ଝରଣାର ସ୍ୱତନ୍ତ୍ର ନାମରେ ନାମିତ ହେବାକୁ ଶ୍ରେୟ ମନେ କରୁଛନ୍ତି । ଏହା ଆତ୍ମାକୁ ଠକୁଥିବା ବଦ୍ଧଜୀବର ଧୃଷ୍ଟତା, ଆସ୍ପର୍ଦ୍ଧା ଓ ଅଜ୍ଞାନତା ମାତ୍ର । ତଥାପି ସମସ୍ତ ଧୃଷ୍ଟତାକୁ କ୍ଷମା ଦେଇ ଅନନ୍ତ ସାଗର ଆହ୍ୱାନ କରୁଛି, ''ରେ ମୋର ଅବୁଝା ସନ୍ତାନ ! ଥରେ ବ୍ୟକ୍ତିଗତ ସଂକୀର୍ଣ୍ଣ ସ୍ୱାର୍ଥ ରୂପକ ପଙ୍କରୁ ଉଠି ଆସି ପ୍ରଶାନ୍ତିର ମଳୟରେ ଢଳଢଳ ନିରପେକ୍ଷ ସାମୂହିକ ସୁଖ ପ୍ରଦାନକାରୀ ପ୍ରସ୍ଫୁଟିତ ପଦ୍ମକୁ ଚାହାଁ । ମୁଁ ଯେ ତୋତେ କୋଳେଇ ନେବାକୁ ବାହୁ ପ୍ରସାରୀ ଅପେକ୍ଷା କରିଛି । ମୋର ଅକୁଣ୍ଠିତ ଦାନକୁ ଭୋଗ କରି ଦୁନିଆଁ ଆଗରେ ଦୀନ ଭଳି ସରଳ ନହୋଇ ଦୈତ୍ୟ ପ୍ରକୃତିକୁ ଚରିତାର୍ଥ କରିବା ଲକ୍ଷ୍ୟରେ ଯେଉଁ କପଟତାର ଜାଲ ବିଛାଇ ଚାଲିଛୁ, ସତ୍ୟ ସନାତନର ତୀକ୍ଷ୍ଣ ଛୁରୀକା ଦିନେ

ସେ ଜାଲକୁ କାଟି ଛିନ୍ ଭିନ୍ କରିଦେବ । ତା ପୂର୍ବରୁ ପରମ ପିତାଙ୍କୁ ସ୍ୱୀକାର କର । ପଦବୀର ମୋହକୁ ତ୍ୟାଗ କରି ପାଦତଳେ ସମର୍ପିତ ହୋଇଯା । ଅସହାୟ ହେବା ପୂର୍ବରୁ ସହାୟ ଲୋଡିନେ । ନିରାଶ୍ରୟ ହେବା ଆଗରୁ ଆଶ୍ରୟସ୍ଥଳୀକୁ ଚାଲିଆ । ଅରକ୍ଷ ହେବା ଆଗରୁ ଶରଣ ନେଇଯା ।''

କେତେ ସରଳ, କେତେ ନିରୀହ, କେତେ ମହାନ ସେ ପରମାତ୍ମା ! ନିଜର ମହାନତାକୁ ଗୁରୁତ୍ୱ ନଦେଇ ଭକ୍ତକୁ ମହାନ୍ କରି ଗଢ଼ି ତୋଳିବାର ମନୋବୃତ୍ତି ପରମପିତାଙ୍କ ଛଡ଼ା ଆଉ କାହାର ହୋଇପାରେ !! ପୂଜ୍ୟପୂଜାର ପରମ୍ପରାକୁ ସେହି ପରମପୂଜ୍ୟ ଶ୍ରୀଶ୍ରୀଶ୍ରୀକେଶବଚନ୍ଦ୍ରଙ୍କ ବ୍ୟତୀତ ଆଉ କିଏ ପାଳନ କରିପାରେ !! ଆପଣା ଇଛାରେ ସୃଷ୍ଟିର ଆବଶ୍ୟକତାକୁ ଲକ୍ଷ୍ୟ କରି ନିର୍ଦ୍ଦେଶ ଦେଇ ଧରାପୃଷ୍ଠକୁ ଅନେକ ଧର୍ମଗୁରୁମାନଙ୍କୁ ପଠାଇ ଥିଲେ ମଧ୍ୟ ସୃଷ୍ଟି ପାଇଁ ସଙ୍କଟକାଳ ଉପନୀତ ହେବାରୁ ସେ ନିଜେ ଯେତେବେଳେ ଅବ୍ୟକ୍ତ ମଣ୍ଡଳକୁ ତ୍ୟାଗକରି ମାନୁଷୀ ତନୁରେ ଲୀଳା କରୁଛନ୍ତି, ସେ ତାଙ୍କ ଧର୍ମପୁତ୍ରମାନଙ୍କୁ କୈବଲ୍ୟ ମଣ୍ଡପରେ ପୂଜା ଦେବାର ବ୍ୟବସ୍ଥା କରିଛନ୍ତି । ନିଜର ଅମୃତ ସନ୍ତାନମାନଙ୍କୁ ପୂଜାଦେବାର ଅଭିନବ ପରମ୍ପରାକୁ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ଅୟମାରମ୍ଭ କରିଛନ୍ତି । କିଏ ମାପି ପାରିବ ଆନନ୍ଦକନ୍ଦ, ସଚ୍ଚିଦାନନ୍ଦ, ଶ୍ୟାମସୁନ୍ଦର, ଭକ୍ତପ୍ରାଣପ୍ରିୟ ଶ୍ରୀକେଶବଙ୍କ ହୃଦୟକୁ ? ଆକାଶରେ ଯେ ପର୍ଯ୍ୟନ୍ତ ଜହ୍ନ ଉଇଁ ନାହିଁ, ଜହ୍ନ ଜାଣିପାରେ ନାହିଁ ଆକାଶର ବିଶାଳତା କେତେ ? ସାଗରରେ ଯେ ପର୍ଯ୍ୟନ୍ତ ଜୁଆର ଉଠିନାହିଁ, ଲହରୀ ଜାଣିପାରେ ନାହିଁ ସାଗରର ଗଭୀରତା କେତେ ? ଯେ ପର୍ଯ୍ୟନ୍ତ କେଶବ ନାରାୟଣଙ୍କର ନିର୍ଦ୍ଦେଶିତ ଧର୍ମଧାରାରେ ଏ ଜୀବ ଭାସି ନ ଯାଇଛି, ସେ କି ହୃଦୟଙ୍ଗମ କରି ପାରିବ ଜଗତବାସୀଙ୍କ ପାଇଁ ସେ ପ୍ରେମମୟଙ୍କ ଅନ୍ତରରେ ଲୁଚି ରହିଥିବା କଲ୍ୟାଣର ସାନ୍ଦ୍ରତା କେତେ ??

ସେ ଅନନ୍ତ, ଅସୀମ, ଅଚିନ୍ତ୍ୟ, ଅମାପ ପରମ ପୁରୁଷ । ବିଗତ ଯୁଗର ପୁରାଣ ପୃଷ୍ଠାରେ ସ୍ଥାନ ନ ପାଇଥିବା ଜଣେ ଋଷିଙ୍କର ଅଭିଷ୍ଟ ପୂର୍ଣ୍ଣ ନିମନ୍ତେ ଆଜିର ଏ ଯଜ୍ଞାନୁଷ୍ଠାନ ଓ ସତ୍‌ସଂଗ କରାଉଛନ୍ତି ତାଙ୍କ ପାରିଷଦବର୍ଗଙ୍କ ମାଧ୍ୟମରେ । ବିସ୍ମୃତି ଗର୍ଭରେ ଲୁଚିଯାଇଥିବା ଲୀଳାକୁ ଜନଜଗତର ଗୋଚରାର୍ଥେ ଓ ଭକ୍ତର ସ୍ମୃତିଚାରଣ କରାଇ ତାକୁ ପ୍ରତିଷ୍ଠା ପ୍ରଦାନ କରିବା ଲକ୍ଷ୍ୟରେ 'ତ୍ରିଶକ୍ତି-ଶାନ୍ତି-ଯଜ୍ଞ'ର ପ୍ରୟାସ । କେନ୍ଦୁଝର ଜିଲ୍ଲାର ଏହି ପୂଣ୍ୟଭୂମି ସତଙ୍ଗୀରେ ବିଗତ ଦିନରେ ସଂଗଠିତ ହୋଇଥିଲା- ''କ୍ଷିତିଜ୍ୟୋତି-ଶାନ୍ତି-ଯଜ୍ଞ'' । ପୁଣି ୨୦୦୦ ମସିହା ଫେବୃୟାରୀ ୧୬ ତାରିଖ

ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା 'ତ୍ରିଶକ୍ତି-କରୁଣା-ମାତୃଯଜ୍ଞ' । ପୁନଶ୍ଚ ୨୦୧୩ ମସିହା ଫେବୃୟାରୀ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ''ଶ୍ରୀପାଦୁକାମେଳା ଓ ବ୍ରହ୍ମକଲ୍ୟାଣ ଶାନ୍ତିଯଜ୍ଞ'' । ପୂର୍ବରୁ ତିନି ତିନିଟି ଯଜ୍ଞ ଏଠାରେ ଅନୁଷ୍ଠିତ ହୋଇ ସାରିଥିଲେ ମଧ୍ୟ ଆଜି ଇଚ୍ଛାମୟଙ୍କ ଇଚ୍ଛାରେ, ଭକ୍ତର କାମନାପୂର୍ତ୍ତି ଉଦ୍ଦେଶ୍ୟରେ ଏବଂ ମହାପୁରୁଷମାନଙ୍କର ଭବିଷ୍ୟ ବାଣୀକୁ ସାକାର କରିବା ପାଇଁ ''ତ୍ରିଶକ୍ତି-ଶାନ୍ତି-ଯଜ୍ଞ'' ଅନୁଷ୍ଠାନ କରାଯାଉଅଛି । ଏହି କେନ୍ଦୁଝର ମାଟି କଳି ଅବତାର ଶ୍ରୀ କେଶବଙ୍କ ବିଶିଷ୍ଟ ଲୀଳାଭୂମି ବୋଲି ମହାପୁରୁଷ ଅଚ୍ୟୁତ ତାଙ୍କ 'ମନଚୈତନ୍ୟ-ସମ୍ବାଦ ମାଳିକା'ରେ ଉଲ୍ଲେଖ କରିଛନ୍ତି ଯେ -

**ପରଂବ୍ରହ୍ମ ଅଚ୍ୟୁତକୁ କହିଲେ । ଲୀଳାଭୂମି ହେବ ଏଥୁଇଁ ଭଲେ ॥**
**କନ୍ଦୁଳ ଋଷିଙ୍କ ନାମ ଧାରରେ । ସପତ ଝରଟି ଖେଳେ ନଦୀରେ ॥**
**କେଉଁଝରେ ବେଗେ କେଶବ ଧାଇଁ । ଗୋପନ ଲୀଳା କରିବ ଏଠାଇଁ ॥**

ଉପରୋକ୍ତ ପଦ୍ୟାବଳୀ ଅନୁସାରେ ସମାଧି ଯୋଗରେ ନିରାକାର ବ୍ରହ୍ମ ଅଚ୍ୟୁତଙ୍କୁ କହିଛନ୍ତି, ''ହେ ଅଚ୍ୟୁତ ! କନ୍ଦୁଳ ଋଷିଙ୍କ ନାମାନୁସାରେ ନାମିତ ଏହି କେନ୍ଦୁଝର କଳିଅବତାର 'କେଶବ'ଙ୍କର ଗୋପନ ଲୀଳାକ୍ଷେତ୍ର'' । ପୁନଶ୍ଚ ଅଚ୍ୟୁତ ତଳପଙ୍‌କ୍ତିରେ ଉଲ୍ଲେଖ କରି ପ୍ରକାଶ କରିଛନ୍ତି -

**ଏତେ କଥା ଜାଣ ଗୁପତ ବଟି । ଲୀଳାଭୂମି ହେବ କେନ୍ଦୁଝରଟି ॥**
**ଭକ୍ତ ଜପ ତପ ମାନ ଉଦ୍ଧାର । ଜାଗା ଜାଗା ବୁଣି ମୁକତଧାର ॥**
**ଓଡିଶା ଭୂଇଁରେ ସବୁଠି ଥାଇଁ । କୋଶଳ ରାଜ୍ୟଟି ବହୁଳ ହୋଇ ॥**
**କେଶବଙ୍କ କାର୍ଯ୍ୟ ବହୁ ଏଠାଇଁ । ଗୋପନ ରଖିବୁ ଦେଲି ବତାଇ ॥**
**ଘୋର କଳିକାଳ କଳଙ୍କ ଯୁଗ । ହୁସିଆର ହେବୁ ଶୁଣ ତୁ ଆଗ ॥**

ଉକ୍ତ ପଦ୍ୟାବଳୀରେ ନିରାକାର ଅଚ୍ୟୁତକୁ କହିଛନ୍ତି - ''ହେ ଅଚ୍ୟୁତ ! ମୁଁ ଗୁପ୍ତ କଥା ତୁମ ଆଗରେ ପ୍ରକାଶ କରୁଛି । ଭକ୍ତର ଜପତପ ଅନୁସାରେ ଫଳ ପ୍ରଦାନ କରିବା ପାଇଁ ଓ ମାନ ରକ୍ଷାକରି ଉଦ୍ଧାର କରିବା ନିମନ୍ତେ କଳିଯୁଗ ଶେଷରେ ସ୍ଥାନେ ସ୍ଥାନେ ସତ୍‌ସଂଗ ଅନୁଷ୍ଠିତ ହେବ । ଓଡିଶାର ସବୁ ସ୍ଥାନରେ ସତ୍‌ସଂଗ ହେଉଥିଲେ ମଧ୍ୟ କୋଶଳ ବା କେନ୍ଦୁଝର ରାଜ୍ୟରେ ବହୁଳ ଭାବରେ ଅବତାର ଲୀଳା ଉନ୍ମୋଚନ ହେବ । ଏକଥାକୁ କାହାକୁ ନକହି ଗୋପନ ରଖିବୁ । କଳଙ୍କିତ କଳିଯୁଗରେ ହୁସିଆର ଥିବୁ ।'' ଆଜିର ଏ ତ୍ରିଶକ୍ତି ଶାନ୍ତିଯଜ୍ଞ କାହିଁକି ଏଠାରେ ଅନୁଷ୍ଠିତ ହେଉଛି, ତାର

କାରଣ ଓ ଏ ସ୍ଥାନର ମହିମା ସଂପର୍କରେ ପୂର୍ବବର୍ତ୍ତୀ ଯଜ୍ଞ ସ୍ମରଣିକାରେ ଉନ୍ମୋଚିତ ହୋଇଥିଲେ ମଧ୍ୟ ପୁନର୍ବାର ଏ ଲୀଳାଭୂମି ସଂପର୍କରେ ଭବିଷ୍ୟଦ୍ରଷ୍ଟା ଅଚ୍ୟୁତାନନ୍ଦ ତାଙ୍କ ସ୍ୱରଚିତ 'ସ୍ମୃତି ସଂହିତା'ରେ ଯାହା ଉଲ୍ଲେଖ କରିଛନ୍ତି, ତାହା ସମସ୍ତଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା । ନିର୍ବିକଳ୍ପ ସମାଧିଯୋଗୀ ବ୍ରହ୍ମଦର୍ଶୀ ଅଚ୍ୟୁତ ତାଙ୍କ ବାରଜଣ ଶିଷ୍ୟ ସମେତ ରାମଦାସଙ୍କୁ ସମ୍ବୋଧନ କରି କହିଛନ୍ତି -

**ଶୁଣରେ ମୁକୁନ୍ଦ, ଅନନ୍ତ, ସୁଦାନ, ମଧୁ, ଯାଦବ, ପବନ ।**
**ଉଦ୍‌ଥାନ, ବାଳକ, ମଧୁରୀ, ଗୋବିନ୍ଦ, ବୃନ୍ଦାବନ, ବସ୍ତ ଘେନ ।।**
**ସବୁରୀ ଶୀର୍ଷରେ ରାମ ମୋର ପ୍ରାଣ ଉଦ୍ଧବଠୁ ବଳି ପ୍ରିୟ ।**
**ତ୍ରୟୋଦଶ ଜଣ ଶୁଣ ମନ ଦେଇ ମନରୁ ଫେଡି ସଂଶୟ ।।**
**ଦକ୍ଷିଣ ପୂର୍ବରେ ଶୁଦ୍ଧ ଜଳଧାର ବଇତରଣୀ ଯାଏ ଝରି ।**
**ପୂରୁବ ଦିଗରେ ସର୍ବେଶ୍ୱର ଥିବେ ହସ୍ତରେ ତ୍ରିଶୂଳ ଧରି ।।**
**ପାଟ ଠାକୁରାଣୀ ସଡଙ୍ଗୀ ଚାହିଁଛି ନେତ୍ରେ ଦେଖିବ ପୁରୁଷ ।**
**ମଠଗଡା ମଠେ ସନ୍ନ୍ୟାସୀ ସୂକ୍ଷ୍ମରେ ଅଛନ୍ତି ନିରୋଧି ଶ୍ୱାସ ।।**
**ତିନିଦେବୀଙ୍କର ସନ୍ତୋଷ ନିମନ୍ତେ ଯାଗ ସମ୍ପାଦିବେ ଭକ୍ତ ।**
**ଅବତାରୀ ବ୍ରହ୍ମ ମଉନ ସନ୍ନ୍ୟାସୀ ହେବେ ତହିଁ ଉପଗତ ।।**

ଅଚ୍ୟୁତଙ୍କର ଉପରୋକ୍ତ ସ୍ୱଷ୍ଟୋକ୍ତିରୁ ଜଣାପଡ଼େ ବାରଜଣ ଶିଷ୍ୟଙ୍କୁ ଉକ୍ତ ଯଜ୍ଞାନୁଷ୍ଠାନ ସଂପର୍କରେ ବୁଝାଇବା ସଙ୍ଗେ ସଙ୍ଗେ ଉଦ୍ଧବଠୁ ପ୍ରିୟ ଶିଷ୍ୟ ରାମଦାସଙ୍କୁ କହିଛନ୍ତି- ''ଯେଉଁ 'ସଡଙ୍ଗୀ' ଗ୍ରାମରେ ତ୍ରିଶକ୍ତି ଶାନ୍ତିଯଜ୍ଞ ଅନୁଷ୍ଠିତ ହେବ ତା'ର ଦକ୍ଷିଣ ପୂର୍ବରେ ବୈତରଣୀ ନଦୀ ବହି ଯାଉଥିବ ଓ ତାର ପୂର୍ବ ଦିଗରେ ତ୍ରିଶୂଳଧାରୀ ଭୋଳାବାବା ସର୍ବେଶ୍ୱର ଲିଙ୍ଗ ରୂପେ ପୂଜା ପାଉଥିବେ । ଗ୍ରାମଦେବତୀ ପାଟ ଠାକୁରାଣୀ ସଡଙ୍ଗୀ ଦେବୀ ମଧ୍ୟ ପରମପୁରୁଷଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷା କରିଥିବେ । ସନ୍ନ୍ୟାସୀମାନେ ସୂକ୍ଷ୍ମ ସ୍ତରରେ ସାଧନା କରି ଏ ଶୁଭ ଦିନକୁ ପ୍ରତୀକ୍ଷା କରି ରହିଛନ୍ତି । ତ୍ରିଦେବୀଙ୍କର ଶାନ୍ତି ଅର୍ଥେ ଭକ୍ତମାନଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ସମ୍ପାଦିତ ହେବ ଓ ଅବତାରୀ ବ୍ରହ୍ମ ଭଗବାନ ମଉନ ସନ୍ନ୍ୟାସୀ ରୂପରେ ଉପସ୍ଥିତ ହେବେ । ଏହି ମହାଜାଗତିକ ଯଜ୍ଞ ମହୋତ୍ସବ କାହିଁକି ପାଳନ କରାଯାଉଛି, ତାର ଏକ ଗୁପ୍ତାତିଗୁପ୍ତ କିମ୍ବଦନ୍ତୀ ରହିଛି ।

ପୂର୍ବରୁ ତ୍ରିଶକ୍ତି କରୁଣା ସ୍ମରଣିକାରେ ପ୍ରକାଶିତ ସତ୍ୟଯୁଗର ବିକ୍ରମଦେବ, ତ୍ରେତୟାର କୀର୍ତ୍ତିଚନ୍ଦ୍ରଙ୍କ ବରପ୍ରାପ୍ତି ଅନୁସାରେ ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀଙ୍କୁ ପୂଜାଦେଇ ଯଜ୍ଞାନୁଷ୍ଠାନ ସମ୍ପାଦନ କରାଯାଇଛି । ତ୍ରେତୟାଯୁଗର ସେହି ବ୍ରହ୍ମଦର୍ଶୀ କୀର୍ତ୍ତିଚନ୍ଦ୍ର ସାଧନାରେ ସିଦ୍ଧି ପାଇବାପରେ କେତେଜଣ ଶିଷ୍ୟଙ୍କୁ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଜଣଙ୍କର ନାମଥିଲା ପ୍ରାଜ୍ଞଚେତା । କୀର୍ତ୍ତିଚନ୍ଦ୍ରଙ୍କର ପ୍ରାଜ୍ଞଚେତାଙ୍କର ସାକ୍ଷାତ ହୋଇଥିଲା ଏହିପରି - ପ୍ରାଜ୍ଞଚେତା ଗୃହସ୍ଥାଶ୍ରମରେ ଜୀବନ ଅତିବାହିତ କରୁଥିଲେ । ପୂର୍ବଜନ୍ମର କର୍ମଦୋଷରୁ ସେ ଥିଲେ ଅତୀବ ଦରିଦ୍ର । ତିନୋଟି ଝିଅ ଓ ଗୋଟିଏ ପୁଅର ସଂସାର । ସଂସାର ଚଳାଇବା ତାଙ୍କ ପକ୍ଷେ ବଡ କଷ୍ଟକର ହେଉଥିଲା । ସ୍ୱାମୀ ଯେତେ ଦରିଦ୍ର ଥିଲେ ମଧ୍ୟ ଧର୍ମପତ୍ନୀ ଚନ୍ଦ୍ରଶୀଳା ସ୍ୱାମୀଙ୍କର ପାଖ ଛାଡୁ ନଥିଲେ । ଦୁଃଖଦ ପରିସ୍ଥିତିରେ ମନ୍ତ୍ରୀ ପରି ସ୍ୱାମୀଙ୍କୁ ଉପଦେଶ ଦେଇ ଧୈର୍ଯ୍ୟ ଧରିବାର ପ୍ରେରଣା ଦେଉଥିଲେ । ଦିନେ ସାଧକ କୀର୍ତ୍ତିଚନ୍ଦ୍ର ତପୋଭୂମିରୁ ବାହାରି ଏକ ଜନବସତିରେ ଭ୍ରମଣ କରି ଅରଣ୍ୟକୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଧର୍ମ ପରାୟଣ ପ୍ରାଜ୍ଞଚେତା ତାଙ୍କୁ ଦର୍ଶନ କଲେ । ଜଣେ ବ୍ରହ୍ମବିଦ୍ ସାଧୁ ବୋଲି ଜାଣି ପାରି ପ୍ରାଜ୍ଞଚେତା କୀର୍ତ୍ତିଚନ୍ଦ୍ରଙ୍କ ପାଦତଳେ ପଡି ପ୍ରଣାମ ନିବେଦନ କଲେ । ଘରକୁ ଯାଇ ଆତିଥ୍ୟ ଗ୍ରହଣ କରିବା ପାଇଁ ଅନୁରୋଧ କଲେ । କୀର୍ତ୍ତିଚନ୍ଦ୍ର କାହାର ଘରକୁ ଯାଇ ଆତିଥ୍ୟ ଗ୍ରହଣ କଲାଭଳି ବ୍ୟକ୍ତି ନ ଥିଲେ । ସେ ଥିଲେ ଗୃହତ୍ୟାଗୀ, ସଂସାରର ମାୟାପାଶକୁ ଛିନ୍ନ କରି କଠୋର ତପରେ ମଗ୍ନଥିବା ତପାଚାରୀ । ଘରକୁ ନଯିବା ପାଇଁ ଶତବାର ନିଷ୍ଠୁର ବାଣୀ ପ୍ରକାଶ କଲେ ସନ୍ନ୍ୟାସୀ କୀର୍ତ୍ତିଚନ୍ଦ୍ର । ଏତିକିବେଳେ ସ୍ୱାମୀଙ୍କର ପଦାଙ୍କ ଅନୁସରଣ କରି ସେଠାରେ ଉପସ୍ଥିତ ହେଲେ ପ୍ରାଜ୍ଞଚେତାଙ୍କର ଧର୍ମପତ୍ନୀ ଚନ୍ଦ୍ରଶୀଳା । ଚନ୍ଦ୍ରଶୀଳା ସାଧୁ କୀର୍ତ୍ତିଚନ୍ଦ୍ରଙ୍କର ପାଦତଳେ ପଡି ଘରକୁ ସାଦର ନିମନ୍ତ୍ରଣ କଲେ ଆତିଥ୍ୟ ଗ୍ରହଣ କରିବାପାଇଁ । କୀର୍ତ୍ତିଚନ୍ଦ୍ର ଥିଲେ ମାତୃ ସାଧକ । ହଠାତ୍ ସେ ଚନ୍ଦ୍ରଶୀଳାଙ୍କ ପାଦକୁ ଦୃଷ୍ଟି ନିକ୍ଷେପ କଲାମାତ୍ରେ ତାଙ୍କୁ ମହାଲକ୍ଷ୍ମୀଙ୍କର ପାଦ ଦର୍ଶନ ହେଲା । ମାତୃ ସ୍ନେହରେ କୀର୍ତ୍ତିଚନ୍ଦ୍ର ତାଙ୍କ କଠୋର ନିଷ୍ପତ୍ତିରୁ ବିରତ ହୋଇ ପ୍ରାଜ୍ଞଚେତା ଓ ଚନ୍ଦ୍ରଶୀଳାଙ୍କ ବାସଭବନକୁ ଗଲେ । ଧର୍ମପ୍ରାଣ ପତିପତ୍ନୀ ଦୁହେଁ କୀର୍ତ୍ତିଚନ୍ଦ୍ରଙ୍କର ପାଦପୂଜା କଲେ ଓ ନୈବିଦ୍ୟ ଅର୍ପଣ କଲେ । ସାଧକ କୀର୍ତ୍ତିଚନ୍ଦ୍ର ସ୍ୱୀୟ ସାଧନା ବଳରେ ଜାଣିପାରିଲେ ଯେ ଘରର ସମସ୍ତଙ୍କ ପାଇଁ ରନ୍ଧନ ହୋଇଥିବା ସବୁ ବାଜରା ଖିରିତକ ଅତିଥିକୁ ସ୍ୱୟଂ ନାରାୟଣ ମନେ କରି ପତିପତ୍ନୀ ଅର୍ପଣ କରିଛନ୍ତି । କୀର୍ତ୍ତିଚନ୍ଦ୍ର ଖିରିରୁ ସାମାନ୍ୟ ତୁଣ୍ଡକୁ ନେଇ ଛାଡିଗଲେ ଓ କହିଲେ ସମସ୍ତେ

ଏହାକୁ ସେବନ କର । ପତିପତ୍ନୀ ତିନି ଝିଅ ଓ ଏକମାତ୍ର ପୁତ୍ର ହୈମବନ୍ତ ଋଷିଙ୍କର ଉଚ୍ଛିଷ୍ଟକୁ ପ୍ରସାଦ ରୂପେ ସେବନ କଲେ । କୀର୍ତ୍ତିଚନ୍ଦ୍ର ଆତିଥ୍ୟରେ ପ୍ରସନ୍ନ ହୋଇ ଦାରିଦ୍ର୍ୟତା ଦୂର କରିବା ନିମନ୍ତେ ନିଜେ ପ୍ରାପ୍ତ ହୋଇଥିବା ମହାଲକ୍ଷ୍ମୀଙ୍କ ବୀଜମନ୍ତ୍ରକୁ ପ୍ରାଞ୍ଚେତାଙ୍କ କାନରେ କହି ଶିଷ୍ୟ ବିବେଚନା କରି ପ୍ରାଞ୍ଚେତାଙ୍କୁ ଦୀକ୍ଷାଦେଲେ ଓ ବିଦାୟ ନେଇ ଅରଣ୍ୟକୁ ଅଗ୍ରସର ହେଲେ । କାହିଁକି କେଜାଣି ପ୍ରାଞ୍ଚେତାଙ୍କର ପୁତ୍ର ହୈମବନ୍ତ କୀର୍ତ୍ତିଚନ୍ଦ୍ରଙ୍କ ପ୍ରତି ଢଳି ପଡିଲେ । ଶୟନେ ସ୍ୱପନେ ସେ କୀର୍ତ୍ତିଚନ୍ଦ୍ରଙ୍କୁ ଚିନ୍ତନ କରିବାକୁ ଲାଗିଲେ । ପ୍ରାଞ୍ଚେତା ଓ ପତ୍ନୀ ଚନ୍ଦ୍ରଶୀଳା ମାଆ ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କଲେ । ଗୁରୁଙ୍କ ପ୍ରତି ନିଷ୍ଠା ରଖି ମହାଲକ୍ଷ୍ମୀଙ୍କ ବୀଜମନ୍ତ୍ରକୁ ଅହରହ ଜପକଲେ । ଧୀରେ ଧୀରେ ସିଦ୍ଧି ଅର୍ଜ୍ଜନ କଲେ । ଧନ ଧାନ୍ୟରେ ଘର ପରିପୂର୍ଣ୍ଣ ହୋଇଗଲା । ରାଜପ୍ରାସାଦ ତୁଲ୍ୟ ଗୃହ ନିର୍ମାଣ କଲେ । ବଡ଼ବଡ଼ ଜମିଦାର ଘରେ ତିନି ଝିଅକୁ ବାହା ଦେଇ ନିଶ୍ଚିନ୍ତରେ କାଳାତିପାତ କଲେ । ପ୍ରାଚୁର୍ଯ୍ୟ ଭିତରେ ଦିନ କାଟି ଚନ୍ଦ୍ରଶୀଳାଙ୍କ ମନରେ କ୍ରମଶଃ ଗର୍ବ ସୃଷ୍ଟିହେଲା । ଦାନଧର୍ମରେ ମନ ନଦେଇ ଧନକୁ ଲୋଭ କରି ସଞ୍ଚୟ କରିବାକୁ ମନ ଦେଲେ । ବୟସ ଯେତିକି ଆଗକୁ ବଢିଲା ତାଙ୍କ ଭିତରେ ପୂର୍ବରୁ ବିଭୁପ୍ରୀତି ଅପସରି ଯାଇ ଧନ ସଞ୍ଚୟର ମନୋବୃତ୍ତି ତୀବ୍ରତର ହେବାକୁ ଲାଗିଲା । ଏ ସମସ୍ତ ଆଚରଣ ଏକମାତ୍ର ପୁତ୍ର ହୈମବନ୍ତକୁ ଭଲ ଲାଗିଲାନାହିଁ । ବାପା-ମାଆଙ୍କୁ ସେ ବାରମ୍ବାର ମନେ ପକାଇ କହିଲା ଯେ- "ତୁମେ ଯାହାସବୁ ପାଇଛ ଭଗବାନଙ୍କ ଦୟାରୁ ପାଇଛ । ଋଷି କୀର୍ତ୍ତିଚନ୍ଦ୍ରଙ୍କ ଅକୁଣ୍ଠିତ ଆଶୀର୍ବାଦରୁ ମାଆ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଏ ଧନରତ୍ନ ତୁମକୁ ଦେଇଛନ୍ତି । ଏହାର ସଦୁପଯୋଗ କର । ପରର ଉପକାର କର । ଦାନ ଧର୍ମ କର । ଧର୍ମାନୁଷ୍ଠାନରେ ଧନକୁ ବିନିଯୋଗ କର ।" ପିତା ପ୍ରାଞ୍ଚେତା ଓ ମାତା ଚନ୍ଦ୍ରଶୀଳା ପୁତ୍ର ହୈମବନ୍ତର କଥାକୁ ବାଚାଳତା ମନେ କରି ହେୟଜ୍ଞାନ କଲେ । ପିତାମାତାଙ୍କ ଅସଂଗତ ଆଚରଣ ଦେଖି ହୈମବନ୍ତ ନୀରବ ରହିଲେ । ବାପାମାଆ ତାଙ୍କୁ ଯେତେବେଳେ ବିବାହ କରାଇବା ଇଚ୍ଛାକୁ ବ୍ୟକ୍ତ କଲେ, ହୈମବନ୍ତ ମନାକଲେ । ତା'ପର ଠାରୁ ହୈମବନ୍ତ କବାଟ ବନ୍ଦ କରି ଗୋଟିଏ କୋଠରୀରେ ଦିନ ଦିନ ରହିଲେ । ଭଲରେ ଖିଆପିଆ କଲେ ନାହିଁ । ଶରୀର କ୍ଷୀଣ ହେବାକୁ ଲାଗିଲା । ବାପାମାଆ ଯେତେଚେଷ୍ଟା କଲେ ମଧ୍ୟ ପାର୍ଥୀବ ବସ୍ତୁ ପ୍ରତି ହୈମବନ୍ତଙ୍କ ମନରେ ଆକର୍ଷଣ ରହିଲା ନାହିଁ । ଦିନେଦିନେ ରାତିରେ ହଠାତ୍ ନିଦରୁ ଉଠି ପାଗଳ ପରି ପ୍ରଳାପ କଲେ । ବଡ ପାଟିରେ କହି ପକାନ୍ତି - ହେ ମାଆ, ମୋ ପିତା ମାତାଙ୍କୁ ସଦବୁଦ୍ଧି ଦିଅ । ତାଙ୍କୁ ଉଚିତ୍ ପଥ ଦେଖାଅ । ସେମାନେ

ପଥଭ୍ରଷ୍ଟ । ଆଖିରୁ ଧାର ଧାର ଲୁହ ଝରାଇ ହୈମବନ୍ତ କାନ୍ଦନ୍ତି । ହୈମବନ୍ତଙ୍କର ଏପରି ଅବସ୍ଥା ଦେଖି ସମ୍ବେଦନଶୀଳ ହେବା ପରିବର୍ତ୍ତେ ବାପାମାଆ ସମେତ ପଡିଶା ଲୋକ ତାଙ୍କୁ ଥଟ୍ଟା ଟାହୁଲି କରି ଉପହାସ କଲେ । ଜୀବନରେ ଭକ୍ତର ଏତାଦୃଶ ପର୍ଯ୍ୟାୟ ଆସେ ବୋଲି ପରମଶାସ୍ତ୍ର ଭାଗବତରେ ଅତିବଡି ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି -

ନିରତେ ଅଙ୍ଗ ପୁଲକିତ । ନୟନୁ ଅଶ୍ରୁ ଜଳପାତ ॥
ଅନ୍ତ ଦ୍ରବଇ ତା ନିରତେ । ମତି ଚଞ୍ଚଳ ବିପରୀତେ ॥
ଜଗତ ମୋର ରୂପ ଜାଣେ । ନିଜଶରୀର ନ ପ୍ରମାଣେ ॥
ବୋଲଇ ଗଦ ଗଦ ବାଣୀ । କ୍ଷଣ କ୍ଷଣିକେ ହସେ ପୁଣି ॥
କ୍ଷଣକେ କରଇ ରୋଦନ । ଉଚ୍ଚେ ଡାକଇମୋର ନାମ ॥
ନାଚଇ ଉନ୍ମତ ଆଚରି । ଲଜ୍ଜା ସଙ୍କୋଚ ଦୂର କରି ॥
ମୋର ଭକତର ଲକ୍ଷଣ । ଉଦ୍ଧବ କଲେ ଏହା ଜାଣ ॥

ପୁତ୍ରର ଏପରି ପରିବର୍ତ୍ତନ ଦେଖିବାପରେ ପିତାମାତା ହୈମବନ୍ତଙ୍କୁ ସ୍ନେହ ଦେବା ପରିବର୍ତ୍ତେ ଘୃଣା କରିବାକୁ ଲାଗିଲେ । ସଙ୍ଗରେ ବିଶେଷ କଥାବାର୍ତ୍ତା କଲେ ନାହିଁ । ଭକ୍ତକୁ ଆପଣାର କରିବା ପାଇଁ ଭଗବାନ ଯେ କେତେବେଳେ କେଉଁ ପରିସ୍ଥିତି ସୃଷ୍ଟି କରନ୍ତି, ତାହା କେବଳ ସେହି ଲୀଳାମୟଙ୍କୁ ଜଣା । ହୈମବନ୍ତଙ୍କ ଭିତରେ ଏଥର ଘର ସଂସାର, ପିତାମାତାଙ୍କ ପ୍ରତି ବିତୃଷ୍ଣା ଜାତ ହେଲା । ଗୃହ ତ୍ୟାଗ କରିବାର ସଂକଳ୍ପ କଲେ । ହଠାତ୍ ଦିନେ ରାତ୍ରଭୋଜନ ସାରି ବାପାମାଆ ନିଦ୍ରା ଯିବା ପରେ ହୈମବନ୍ତ ଶଯ୍ୟାତ୍ୟାଗ କରି ସନ୍ତର୍ପଣରେ କବାଟ ଖୋଲି ଦାଣ୍ଡକୁ ଚାଲିଗଲେ । ଗାଢ଼ ଅନ୍ଧାର ରାତ୍ରି । ସଂସାର ପ୍ରତି ଆକର୍ଷଣ ତୁଟି ଯାଇଥିଲେ ମଧ ମନରେ ଅହେତୁକି ଭୟ ଜାତ ହେଲା ଅନ୍ଧାର ରାତିରେ ସେ ଯିବେ କେଉଁଆଡ଼େ ? ଚାଲି ଚାଲି ଗାଆଁ ମୁଣ୍ଡ ପର୍ଯ୍ୟନ୍ତ ଗଲେ ଯୁବକ ହୈମବନ୍ତ । ଭୟ ଓ ଆଶଙ୍କାରେ ପାଦ ଆଗକୁ ବଢ଼ିଲା ନାହିଁ । ପୁଣି ଚିନ୍ତାରେ ବୁଡ଼ିଗଲେ । ସେହି ଘରକୁ କଣ ଫେରିବି ? ଯେଉଁ ଘରେ ମୋ ମନ ବୁଝିବାକୁ କେହି ନାହିଁ । ଧନ ପାଖରେ ପୁଅ ଯେଉଁଠି ଛୋଟ ହୋଇଯାଏ । ସେ ଘରକୁ ଫେରି ଆତ୍ମଦାହ ପାଇବା ଅପେକ୍ଷା ସେମାନଙ୍କଠାରୁ ଦୂରେଇ ଯିବା କୋଟିଗୁଣରେ ଭଲ । ସାମୟିକ ଭାବରେ କୌଣସି ପରିସ୍ଥିତିର ସମାଧାନ ହୋଇ ନପାରିଲେ ମଣିଷ ଭିତରେ ଯେଉଁ ବିତୃଷ୍ଣା ଜାତ ହୁଏ ତାକୁ ବୈରାଗ୍ୟ କୁହାଯିବ ନାହିଁ । ତେବେ ହୈମବନ୍ତଙ୍କ ମାନସ ପଟରେ ବାପାମାଆଙ୍କ ନିଷ୍ଠୁର ବ୍ୟବହାର ବାରମ୍ବାର

ରୋମଛିତ ହୋଇ ତାଙ୍କୁ ଦୂରେଇ ଯିବା ପାଇଁ ପ୍ରେରଣା ଯୋଗାଇଲା । ହଠାତ୍ ଘନ ଅନ୍ଧକାର ଭିତରୁ ସ୍ୱର ଭାସି ଆସିଲା । କେହି ଜଣେ କହୁଛନ୍ତି - ''ହେମବନ୍ତ ! ତୁମେ ମହାଲକ୍ଷ୍ମୀଙ୍କୁ ସ୍ମରଣ କର । ମନ୍ତ୍ରଜପ କରିଚାଲ । ମନକୁ ଦୃଢ଼କର । ଜଗତ କଲ୍ୟାଣ ପାଇଁ ତୁମର ଜନ୍ମ । ପଛକୁ ଫେରି ଚାହଁନା । ଆଗକୁ ଚାଲ ଘଞ୍ଚ ଅରଣ୍ୟର ନୀରବତା ତୁମକୁ ଅପେକ୍ଷା କରୁଛି ।'' ଏହି ଦିବ୍ୟବାଣୀ ଶ୍ରବଣ କରିବା ପରେ ହେମବନ୍ତଙ୍କ ଭିତରେ ଶକ୍ତି ସଞ୍ଚାର ହେଲା । ଦୂର୍ବଳ ପ୍ରାଣ ସବଳ ହେବାକୁ ଲାଗିଲା । ଛାତିର ସ୍ପନ୍ଦନ କମି କମି ଆସିଲା । ଥର ଥର ପାଦ ଶକ୍ତ ହୋଇଗଲା । ଘନ ତମସାକୁ ଖାତିର ନକରି ହେମବନ୍ତ ଆଗକୁ ଆଗେଇଲେ । କିଛିକ୍ଷଣ ମଧ୍ୟରେ ସେ ଅରଣ୍ୟର ପରିବ୍ୟାପ୍ତି ଭିତରେ ହଜିଗଲେ । ଅନ୍ଧାର ଭିତରେ ତାଙ୍କ ପାଦ କେଉଁଠି ପଡୁଛି ସେ ନିଜେ ମଧ୍ୟ ଜାଣନ୍ତି ନାହିଁ । ଗୋଟିଏ ଜାଗାରୁ ପାଦ ଉଠିଲା ପରେ ପରବର୍ତ୍ତୀ ପାଦ କେଉଁଠି ପଡିବ, ସେ ବିଷୟରେ ସେ ଅଜ୍ଞ । ତଥାପି ମାଆ ମହାଲକ୍ଷ୍ମୀଙ୍କୁ ସ୍ମରଣ କରି ଆଗକୁ ଆଗକୁ ଚାଲିଥା'ନ୍ତି ଯୁବକ ହେମବନ୍ତ । ସମୟ ସ୍ରୋତରେ ଜୀବନର ଚଲାପଥରେ ବେଳେବେଳେ ଏମିତି ଘଟଣା ଘଟେ ଯେଉଁ ଘଟଣାର ପରିଣତିକୁ ଅପେକ୍ଷା ନକରି ମଣିଷ ଆଶୀର୍ବାଦକୁ ଅଭିଶାପ ମନେକରି ଭଗବାନଙ୍କ ଉପରେ ଅଭିମାନ କରେ । ହେମବନ୍ତ ଘନ ଅନ୍ଧକାରକୁ ଚିରି ଆଗକୁ ଆଗେଇ ଯାଉଥିବା ସମୟରେ ସେମିତି ଗୋଟିଏ ଅକଳ୍ପନୀୟ ଘଟଣା ଘଟିଗଲା । ହଠାତ୍ ଚାଲୁ ଚାଲୁ ହେମବନ୍ତ ଗଳି ପଡିଲେ ଏକ ଗଭୀର ଗର୍ତ୍ତରେ । ସେ ଗର୍ତ୍ତ ଏତେ ଗଭୀର ଥିଲା ଯେ ଯେତେ ଚିତ୍କାର କଲେ ମଧ୍ୟ କଣ୍ଠସ୍ୱର ସ୍ଥଳ ପ୍ରଦେଶକୁ ଆସି ପାରିବ ନାହିଁ । ହେମବନ୍ତ କିଛି ଚିନ୍ତା କରି ପାରିଲେ ନାହିଁ । ଚାଲି ଚାଲି ପାଦ ଥକି ଯାଇଥିଲା । ତାଙ୍କ ଜୀବନର ଗତି କେଉଁ ଆଡକୁ ବୋଲି ଚିନ୍ତା କରିବା ପୂର୍ବରୁ ସେ ଚେତନା ହରାଇ ବସିଲେ । ଦଣ୍ଡପରେ ଦଣ୍ଡ ବିତି ଚାଲିଲା । ହେମବନ୍ତ ଚେତନା ପାଇ ଉର୍ଦ୍ଧ୍ୱଦେଶକୁ ଚାହିଁ ଦେଖିଲେ ରାତି ପାହି ଯାଇଛି । ଅନେକ ଉର୍ଦ୍ଧ୍ୱରେ ଉଜ୍ଜ୍ୱଳ ଆଲୋକ ଦେଖାଯାଉଛି । ହେଲେ ସେ ଆଲୋକ ରଶ୍ମି ଗର୍ତ୍ତ ଭିତରେ ହେମବନ୍ତଙ୍କ ପାଖକୁ ସ୍ପର୍ଶ କରି ପାରୁନାହିଁ । ହେମବନ୍ତ କ୍ଷଣିକ ବ୍ୟସ୍ତ ବିବ୍ରତ ହୋଇ ପଡିଲେ । ମାତ୍ର ସଂସାର ଠାରୁ ମନ ଦୂରେଇ ଯାଇଥିବାରୁ ମରିବା ବଞ୍ଚିବା ଉପରେ ସେ ଆଉ ଗୁରୁତ୍ୱ ଦେଲେ ନାହିଁ । ଉପାୟ ତ କିଛି ନାହିଁ । ମନରେ ଚେତନା ଜାଗ୍ରତ ହେଲା - ଯିଏ ଜନ୍ମ ଦେଇଛି ସେ ମୃତ୍ୟୁ ଦେବ । ତେବେ ଯେଉଁ ଉଦ୍ଦେଶ୍ୟରେ ଭଗବାନ ମୋତେ ଏ ପରିବେଶକୁ ଟାଣି ଆଣିଛନ୍ତି, ତାହା ତ ମୁଁ ଜାଣେନା । ମରିବା ପୂର୍ବରୁ ସେଇ ମାଆଙ୍କ ସ୍ମରଣରେ କାଳ

ବିତିଯାଉ । ନିଜଠାରୁ ନିଜେ ପ୍ରେରଣା ପାଇ ହୈମବନ୍ତ ସେହି ଅନ୍ଧାରୀ ଗର୍ତ୍ତ ଭିତରେ ପଦ୍ମାସନରେ ବସି ପଡ଼ିଲେ । ଦିନ ପରେ ଦିନ ବିତି ଚାଲିଲା । ହୈମବନ୍ତଙ୍କର ତ ଉପବାସ ରହିବାର ଅଭ୍ୟାସ ଆଗରୁ ଥାଏ । ତଥାପି ମଣିଷର ଅନ୍ନମୟ କୋଷ । ନଖାଇ ନପିଇ କେତେ ଦିନ ଜୀବନଧାରଣ କରିବେ ? ପାଞ୍ଚଦିନ ବିତିଗଲା ପରେ ଭୋକ ଶୋଷରେ ଟିକେ ଅବଶ ହୋଇ ପଡିଲେ ହୈମବନ୍ତ । ଭଗବାନଙ୍କର ଲୀଳା ବଡ ବିଚିତ୍ର । କିଛି ପକ୍ଷୀ ବନ ଫଳକୁ ଖାଇ ଅଧା ଖଣ୍ଡିଆ କରି ଫୋପାଡୁଥାଆନ୍ତି । ତାହା ସେହି ହୈମବନ୍ତ ଥିବା ଗର୍ତ୍ତରେ ପଡୁଥାଏ । ହୈମବନ୍ତ ଭଗବାନଙ୍କ କୃପା ଭାବି ଅନ୍ଧାର ଭିତରେ ସେ ଖଣ୍ଡିଆ ଫଳକୁ ଭୋଜନ କରୁଥାଆନ୍ତି । ଏହିପରି ଭାବରେ କିଛି ଦିନ ପରେ ହୈମବନ୍ତ ସମାଧିସ୍ଥ ହେଲେ । ଆଉ ଖାଦ୍ୟର ଆବଶ୍ୟକତା ପଡିଲା ନାହିଁ । ଆଖି ମଧ ଖୋଲିଲେ ନାହିଁ । ଦେହଜ୍ଞାନ ହଜାଇ ସମାଧି ପ୍ରାପ୍ତ ହେଲେ । ଆତ୍ମା ବ୍ରହ୍ମରନ୍ଧ୍ରରେ ପିଣ୍ଡ ବର୍ହିଭୂତ ହୋଇ ମଣ୍ଡଳପରେ ମଣ୍ଡଳ ଭେଦ କରି ମାଳମାଳ ବ୍ରହ୍ମାଣ୍ଡକୁ ଦର୍ଶନ କଲେ । ବ୍ରହ୍ମାଣ୍ଡରେ ଯାହା ଦର୍ଶନ କରାଯାଏ, ସାଧକମାନେ ସାଧନା ବଳରେ ପିଣ୍ଡ ମଧରେ ତାହା ଦର୍ଶନ କରନ୍ତି । ପଞ୍ଚସଖାଙ୍କ ମଧରେ ବୟୋଜ୍ୟେଷ୍ଠ ସାଧକ ବଳରାମ ଦାସ 'ଅମରକୋଷ ଗୀତା'ରେ ଲେଖିଛନ୍ତି -

**ପିଣ୍ଡ ବ୍ରହ୍ମାଣ୍ଡ ଏ ଜାଣ । ତତ୍ତ୍ୱରେ ନୁହଁନ୍ତି ନା ଭିନ୍ନ ॥**
**ଯାହା ଦେଖୁଛ ଏ ବ୍ରହ୍ମାଣ୍ଡେ । ସମସ୍ତ ଅଛି ଏହି ପିଣ୍ଡେ ॥**
**ବ୍ରହ୍ମାଣ୍ଡେ ଯେତେକ ଭିଆଣ । ପିଣ୍ଡରେ ଅଛଇ ସେମାନ ॥**

ବର୍ଷ ପରେ ବର୍ଷ ବିତିଗଲା । ଦୀର୍ଘ ତେର ବର୍ଷ ବିତିଗଲା ପରେ ଫାଲ୍‌ଗୁନ ମାସ ଦୋଳପୂର୍ଣ୍ଣିମା ଦିନ ବ୍ରାହ୍ମ ମୁହୂର୍ତ୍ତରେ ହୈମବନ୍ତ ଆଖିଖୋଲିଲେ । ଦେଖିଲେ ଅନେକ ଉର୍ଦ୍ଧ୍ୱରେ ଥିବା ସ୍ଥଳ ଭାଗରୁ ଗୁଡ଼ିଏ ଉଜ୍ଜ୍ୱଳ ଆଲୋକ ରଶ୍ମି ଗର୍ତ୍ତ ଭିତରକୁ ପ୍ରବେଶ କରୁଛନ୍ତି । ଆଲୋକ ଧୀରେ ଧୀରେ ପାଖକୁ ଆସିଲା । ହୈମବନ୍ତ ପୁନଃ ଦେଖିଲେ ତିନୋଟି ହାତର ପାପୁଲି ଛନ୍ଦାଛନ୍ଦି ହୋଇଛି ଗୋପାଳମାନେ କ୍ଷୀର ଦହିକୁ ଝୁଲାଇ ରଖୁଥିବା ଦଉଡି ତିଆରି ଶିକା ଭଳି । ପାପୁଲିରୁ ହାତ ତିନୋଟି ଉପରକୁ ଲମ୍ବି ଯାଇଛି । ଉର୍ଦ୍ଧ୍ୱ ପ୍ରଦେଶରୁ ଶୂନ୍ୟବାଣୀ ହେଲା- ''ହେ ହୈମବନ୍ତ ! ତୁମେ ଏହି ତିନୋଟି ଛନ୍ଦା ହସ୍ତ ଉପରେ ବସ, ଆମ୍ଭେ ତୁମକୁ ଉପରକୁ ନେଇ ଆସିବୁ ।'' ହୈମବନ୍ତ ଅବୋଧ ଶିଶୁଟିଏ ଭଳି କଥାମାନି ସେ ଛନ୍ଦା ହାତ ତିନୋଟି ଉପରେ ବସିଲେ । ହାତ ତିନୋଟି ଧୀରେ ଧୀରେ ଉପରକୁ ଉଠିଲା । କ୍ଷଣିକ ମଧରେ

ହୈମବନ୍ତଙ୍କୁ ଆଣି ଉପରିସ୍ଥ ସ୍ଥଳ ଭାଗରେ ଥୋଇ ଦେଲେ । ଦୀର୍ଘ ତେର ବର୍ଷ ପରେ ବାହାର ଦୁନିଆକୁ ଦେଖିବାର ସୁଯୋଗ ପାଇଲେ ହୈମବନ୍ତ । ସମ୍ମୁଖରେ ଦେଖିଲେ ତିନିଜଣ ଦେବୀ ଛିଡ଼ା ହୋଇ ହୈମବନ୍ତଙ୍କୁ ଆଶୀର୍ବାଦ ମୁଦ୍ରା ଦେଖାଉଛନ୍ତି । ହୈମବନ୍ତ ଜାଣିଲେ ଏହି ତିନିଜଣ ମାଆ ତାଙ୍କ ହସ୍ତ ପ୍ରସାରଣ କରି ଅଲୌକିକ ଭାବରେ ମୋତେ ଗର୍ତ୍ତ ଭିତରୁ ଉଦ୍ଧାର କରିଛନ୍ତି । ମାତୃ ସ୍ନେହରେ ତଲ୍ଲୀନ ହୋଇ ହୈମବନ୍ତ ତିନିଜଣ ଦେବୀ ଏକାଠି ଛିଡ଼ା ହୋଇଥିବା ସ୍ଥାନକୁ ଦୌଡି ଯାଇ ତିନିଜଣଙ୍କର ପାଦକୁ ଜାବୁଡ଼ି ଧରିଲେ । ହଠାତ୍ ସେ ତ୍ରିଦେବୀ ପଥର ପାଲଟି ଗଲେ । ହୈମବନ୍ତ ଧୂଳିରେ ଗଡି କାନ୍ଦିବାକୁ ଲାଗିଲେ । ହେ ମାଆ ! ଏ ଅଧମ ସୁତକୁ ଉଦ୍ଧାର କରି ତୁଣ୍ଡରୁ କଥା ପଦେ ନ ଶୁଣାଇ ପାଷାଣୀ ହୋଇ ମୋ ପ୍ରତି ଏତେ ଅବିଚାର କାହିଁକି କଲ ?'' ଏପରି କହି କହି ଆଖିରୁ ଲୁହ ଗଡାଇଲେ ହୈମବନ୍ତ । ପୁଣି ଶୂନ୍ୟରୁ କଥା ଶୁଭିଲା - ''ହୈମବନ୍ତ ! ଆମେ ତୁମର କିଛି ଉପକାର କରିନାହୁଁ । ଆମେ ତୁମକୁ କି ଉଦ୍ଧାର କରିଛୁ ? ତୁମେ ତ ଉଦ୍ଧାର ହୋଇସାରିଛ, ତୁମେ ସିଦ୍ଧି ଅର୍ଜନ କରି ସାରିଛ । ଜଗତ କଲ୍ୟାଣର ଭାର ତୁମ ମୁଣ୍ଡ ଉପରେ । ବିପଥଗାମୀ ମଣିଷକୁ ମନ୍ତ୍ର ଦୀକ୍ଷା ଦେଇ ତୁମେ ଉଦ୍ଧାର ବାଟ ଦେଖାଅ । ଆମେ ହେଉଛୁ ତୁମର ତିନି ଜଣ ମାଆ । ସୃଷ୍ଟିର ମଙ୍ଗଳ ପାଇଁ ଜୀବର ଚିନ୍ତାଧାରାକୁ ନେଇ ଆମେ ମୂଳ ପ୍ରକୃତିରୁ ତିନିଭାଗ ହୋଇଛୁ- ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀ ରୂପେ । ଏହି ସ୍ଥାନରେ ଆମ୍ଭର ପୂଜାର୍ଚ୍ଚନା ପାଇଁ ତୁମ ପିତା ପ୍ରାଞ୍ଚେତାଙ୍କର ଗୁରୁ କୀର୍ତ୍ତିଚନ୍ଦ୍ର ଭଗବାନଙ୍କୁ ଯଜ୍ଞର ବରଭିକ୍ଷା କରି ସାରିଛନ୍ତି । ଭଗବାନ ତ ସବୁ ଯୁଗରେ ଦେହ ଧାରଣ କରନ୍ତି ନାହିଁ । ଯେତେବେଳେ ଧର୍ମ ଗ୍ଲାନିଯୁକ୍ତ ହୁଏ ନିଜ ଇଚ୍ଛାରେ ଆସନ୍ତି, ସେହି ନବନୀରଦ କାନ୍ତିଙ୍କୁ ଦର୍ଶନ କରିବା ପାଇଁ ସମସ୍ତେ ଇଚ୍ଛା ପ୍ରକଟ କରନ୍ତି । ଆମେ କୀର୍ତ୍ତିଚନ୍ଦ୍ରଙ୍କ ବରପ୍ରାପ୍ତିର ଯଜ୍ଞ ସ୍ଥଳରେ ପ୍ରଭୁଙ୍କୁ ଦର୍ଶନ କଲେ ମଧ ସ୍ଥୂଳନୀତିରେ ପରମପୁରୁଷଙ୍କୁ ଯେବେ ଅଣଷଠି ବର୍ଷ ହୋଇଥିବ ପୁନଃ ଦର୍ଶନ କରିବାର ଅଭିଳାଷ ରଖିଛୁ । ଆମର ଏ ଅଭିଷ୍ଟକୁ ପୂର୍ଣ୍ଣ କରିବ । ଆମେ ମାଟି ବୈକୁଣ୍ଠରେ ନିତ୍ୟରାଧା-ନିତ୍ୟକୃଷ୍ଣଙ୍କର ଯୁଗଳ ମୂର୍ତ୍ତିକୁ ଏକ ଅଙ୍ଗରେ ସୂକ୍ଷ୍ମସତ୍ତା ରୂପରେ ଥାଇ ଦର୍ଶନ କରିବୁ । ଅନତି ଦୂରରେ ମଠଗଡା ଆଶ୍ରମରେ ଅନେକ ତପସ୍ୱୀ ଅଛନ୍ତି । ତୁମେ ଯାଇ ସେମାନଙ୍କୁ ଆମର ଏ ଗୁପ୍ତ ସନ୍ଦେଶ ଦିଅ । ଏହି ପୁଣ୍ୟ ତିଥିରେ ପୂର୍ଣ୍ଣବ୍ରହ୍ମ ନରଦେହରେ ଆମ୍ଭକୁ ଦର୍ଶନ ଦେଇ ଶାନ୍ତି ପ୍ରଦାନ କରିବାପାଇଁ ସମସ୍ତେ ତପ ଆଚରଣ କର । ସମସ୍ତ ଋଷିମାନେ ମାତୃ ଆଜ୍ଞା ପାଇ ତପସ୍ୟାରେ ମନୋନିବେଶ କଲେ । ଦୀର୍ଘ ବାରବର୍ଷ

ପରେ ସେହି ଦୋଳପୂର୍ଣ୍ଣିମା ଦିବସରେ ପ୍ରେମମୟ ଠାକୁର ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଦେଇ 'ତ୍ରିଶକ୍ତି-ଶାନ୍ତି-ଯଜ୍ଞ' ଓ ସତ୍‌ସଂଗ ପାଇଁ ବରପ୍ରଦାନ କଲେ । ଆଜି ସେହି ଶୁଭଦିନ ଯେଉଁଦିନ ମହର୍ଷିଗଣ ବରପ୍ରାପ୍ତ ହୋଇଥିଲେ । ଏହି କିମ୍ବଦନ୍ତୀର ସଂକ୍ଷିପ୍ତ ସୂଚନା ଦେବାକୁ ଯାଇ ଅଚ୍ୟୁତାନନ୍ଦ 'ସ୍ମୃତି ସଂହିତା'ରେ ଉଲ୍ଲେଖ କରିଛନ୍ତି -

**ତେରକୁ ତରକି ଥିବୁ ରାମଚନ୍ଦ୍ର ଚଉଦ ପନ୍ଦର ଗୋଳ ।**
**ଷୋହଳ ସତରେ ମହାମାରୀ ହେବ ନମିଳିବ ଥଳକୂଳ ।।**
**ଏହି ସମୟରେ ମୋହରି ନାମରେ ଫେରିବ ଜନଜଗତ**
**ଭକ୍ତମାନେ ମୋର ନାମ ଗାଉଥିବେ ସତ୍ୟହେବ ଉପସ୍ଥିତ ।।**
**କୀର୍ତ୍ତିଚନ୍ଦ୍ରଙ୍କର କୀରତି ରହିବ ତ୍ରିଶକ୍ତି କରୁଣାହେବ ।**
**ଶିଷ୍ୟପୁତ୍ର ହୈମବନ୍ତ ତ୍ରିଶକ୍ତିଙ୍କ ଶାନ୍ତିଅର୍ଥେ ବରଲାଭ ।।**
**ମାତୃଆଜ୍ଞା ପାଇ ମଠ ମଧ୍ୟେ ରହି ତପସ୍ୟାରେ ରତ ତପୀ ।**
**ଚତୁର୍ଦ୍ଧାମୂରତୀ ଦେଖି ମାଗିନେଲେ ଯାଗ ତାରିବାକୁ ପାପୀ ।।**

ଅଚ୍ୟୁତାନନ୍ଦ ମହାପୁରୁଷ ପ୍ରିୟଶିଷ୍ୟ ରାମଦାସଙ୍କୁ କହିଛନ୍ତି - ''ହେ ରାମ ! ତେର ମସିହାକୁ ତରକିଥା । ତେର ମସିହାରେ ପ୍ରକୃତିର ତାଣ୍ଡବଲୀଳା ବାତ୍ୟା ବନ୍ୟା ଉତ୍ପାତ କରିବ । ଯାହାର ପ୍ରମାଣ ଆମେ ପାଇ ସାରିଛନ୍ତି । ଚଉଦ ପନ୍ଦର ମସିହାରେ ପରିବାର ଠାରୁ ରାଷ୍ଟ୍ର ପର୍ଯ୍ୟନ୍ତ ସବୁଠି ଗୋଳ ଲାଗି ରହିବ । କିନ୍ତୁ ଭକ୍ତମାନେ କେଶବ ନାମକୁ ଜପି ନିଶ୍ଚିନ୍ତରେ ଥିବେ । କୀର୍ତ୍ତିଚନ୍ଦ୍ରଙ୍କର କୀର୍ତ୍ତିସ୍ତମ୍ଭ ସ୍ଥାପନ ହୋଇ ସାରିଛି, ତ୍ରିଶକ୍ତି-କରୁଣା-ଯଜ୍ଞରେ । କୀର୍ତ୍ତିଚନ୍ଦ୍ରଙ୍କର ଶିଷ୍ୟ ପ୍ରାଜ୍ଞଚେତାଙ୍କ ପୁତ୍ର ହୈମବନ୍ତ ଅନ୍ୟ ସମସ୍ତ ତପସ୍ୱୀମାନଙ୍କ ସହ ମିଶି ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ପାଇ ପାପୀମାନଙ୍କ ତାରଣ ଅର୍ଥେ, ତ୍ରିଶକ୍ତିଙ୍କର ଶାନ୍ତି ନିମନ୍ତେ ଯଜ୍ଞ ଓ ସତସଂଗ ପାଇଁ ବରପ୍ରାପ୍ତି ହେଲେ ।''

ପୁନଶ୍ଚ ତିନିଦେବୀ ଭଗବାନଙ୍କର ଅଣଷଠି ବର୍ଷ ବୟସର ସ୍ଥୂଳ ରୂପକୁ ଦର୍ଶନ କରିବା ପାଇଁ ଯେଉଁ ଅଭିଳାଷ ବ୍ୟକ୍ତ କରି ହୈମବନ୍ତକୁ ଯାହା କହିଥିଲେ ସେ ସଂପର୍କରେ ସୂଚନା ଦେବାକୁ ଯାଇ ଅଚ୍ୟୁତାନନ୍ଦ 'ଜ୍ଞାନ ପ୍ରଦୀପ' ଗୀତାରେ ଉଲ୍ଲେଖ କରିଛନ୍ତି ଯେ -

**ଠୁଳ ନୋହେ ଶୂନ୍ୟ ନୋହେ ଅରୂପ । ଭକ୍ତ ଭକ୍ତି ଭାବେ ବହନ୍ତି ରୂପ ।।**
**ବ୍ରତ ଜପ ତପ ମନ୍ତ୍ରେ ନପାଇ । ଭାବିଲେ ନାମ ଅନାମକୁ ପାଇ ।।**

ଅତି ଆଗୋଚର ଅନାମ ଖଣ୍ଡ । ଅବତାରୀ ଯହୁଁ କୋଟି ବ୍ରହ୍ମାଣ୍ଡ ।।
ଅନାମ ଖଣ୍ଡୁ ଜାତ ହୋଇ ନାମ । ସଂସାର ନାମରୁ ହେଲା ଜନମ ।।
ଅତି ଗୁପତ ଏ ନାମ ମହିମା । ବର୍ଣ୍ଣ ଚିହ୍ନି ଯାର ନଜାଣେ ବ୍ରହ୍ମା ।।

* * * *

କଳିରେ ଉଦାର ରୂପ ଧରିବେ । ତ୍ରିଶକ୍ତିକୁ ଯାଇ ଦର୍ଶନ ଦେବେ ।।
ସ୍ଥୂଳ କଳେବର ଅଣଷଠିକୁ । ଚାହିଁଥିବେ ଧରି ପୁଣ୍ୟ ପାଣ୍ଠିକୁ ।।
କେଶବ ଅଟଇ ନାମର ମୂଳ । ସକଳ ବ୍ରହ୍ମାଣ୍ଡ ତନୁରେ ଠୁଳ ।।

ଉପରୋକ୍ତ ପଦ୍ୟାବଳୀର ସମସ୍ତ ବ୍ୟାଖ୍ୟା କଲେ ସ୍ମରଣିକାର କଳେବର ବୃଦ୍ଧି ହେବ । ସେଥିପାଇଁ କେବଳ ମୁଖ୍ୟ ତଳ ଛଅ ଧାଡ଼ିକୁ ପ୍ରାସଙ୍ଗିକତା ଦୃଷ୍ଟିରୁ ବୁଝାଇ ଦିଆଯାଇଅଛି । ଅଚ୍ୟୁତାନନ୍ଦ କହିଛନ୍ତି ଯେ କଳି ଯୁଗରେ ପୂର୍ଣ୍ଣବ୍ରହ୍ମ କେଶବ ଉଦାର ରୂପକୁ ଧାରଣ କରିବେ । ସଡଙ୍ଗୀର ଯଜ୍ଞସ୍ଥଳରେ ତ୍ରିଶକ୍ତିଙ୍କୁ ଦର୍ଶନ ଦେବେ । କେଶବ ନାରାୟଣଙ୍କର ସ୍ଥୂଳ ଦେହକୁ ସେତେବେଳକୁ ଅଣଷଠି ବର୍ଷ ହୋଇଥିବ । ଯାହାଙ୍କ ଦେହରେ ସକଳ ବ୍ରହ୍ମାଣ୍ଡ ଠୁଳ ହୋଇଛି, ଯିଏ ସବୁ ନାମର ମୂଳ । ସେ କେଶବଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନେ ପୁଣ୍ୟ ପାଣ୍ଠିକୁ ସଞ୍ଚୟ କରିଥିବେ ।

**ମହାପୁରୁଷ ଅଚ୍ୟୁତ ଯଜ୍ଞାନୁଷ୍ଠାନର ସମୟ ସଂପର୍କରେ ଉଲ୍ଲେଖ କରିଛନ୍ତି ଯେ-**

ସହସ୍ରେ ସହସ୍ର ମିଶାଇ ଗ୍ରହେ ଯୋଡିବୁ ମନ ।
ଗୋରାଅଙ୍କ ଗୁଣ ମାସକୁ ତ୍ରିଦେବୀଙ୍କ ଆହ୍ୱାନ ।।
ମନୁ ଫେଡିଦେଲେ ବେନିକୁ ଜଗିଥିବୁ ଦିବସ ।
ଭକତ ଧାରଣ କରିବେ ଶିରେ ପୂର୍ଣ୍ଣକଳସ ।।
ବସନ୍ତ ଆଲୋକ ପକ୍ଷରେ ଦିବ୍ୟ ପଣ୍ଡିତବାର ।
ଏକାଦଶୀରେ ଏକ ହେବ ମନ ଭକ୍ତ ଜନର ।।
ପକ୍ଷ ଅନ୍ତ ତିଥି ଦିବସ ପର ଅଙ୍କ ଫିରିଙ୍ଗି ।
ଦିବସେ ଗ୍ରହରାଜ ମେଳ ପୂର୍ଣ୍ଣାହୁତି ଯେ ବେଗି ।।
ଦଶ ଅବତାର ଆଦ୍ୟକୁ ଦୁଇଦିନ ଭୋଗରେ ।
ଆଦିତ୍ୟ ବାସର ଆକାଶେ ଥାଇ ପୂର୍ଣ୍ଣଚାନ୍ଦରେ ।।
ବ୍ରହ୍ମ ଦକ୍ଷିଣରେ ଚତୁର୍ଦ୍ଧାମୂର୍ତ୍ତି ସାଗରେ ଗୁଣ ।
ଗୁଣି ଠିକ କରିବୁ ରାମ ସାଲ ପ୍ରକାଶ ପୁଣ ।।

ଶୁଦ୍ଧ ଜଳ ଅଭିଷେକକୁ ନେତ୍ରେ ଦେଖିବୁ ତୁହି ।
ଭକ୍ତ ସଙ୍ଗେ ରହି ଗୁପତେ ଦେବୁ ଶ୍ରୀପଦ ଧୋଇ ॥
ଦୁଷ୍ଟ ଜନମାନେ ଗରବେ ଉପହାସ କରିବେ ।
ଅନାଗ୍ରହେ ଦେଖି ପୁରୁଷ ଭବୁ ତାରଣ ହେବେ ॥
ମନୁ ଫେଡି ଅବିଶ୍ୱାସକୁ ଯେହୁ ଯିବ ଶରଣ ।
କୋଟି ଜନ୍ମ ପାପ ଜଳିବ ଦୁଃଖ ହେବ ବାରଣ ॥

ଅଚ୍ୟୁତାନନ୍ଦଙ୍କ ଉପରୋକ୍ତ ପଦ୍ୟାବଳୀର ଅର୍ଥ ଏହା ଯେ -

ସହସ୍ରେ ସହସ୍ର ମିଶାଇ ଅର୍ଥ ୧୦୦୦+୧୦୦୦=୨୦୦୦ । ଗ୍ରହେ ଯୋଡିବୁ ମନ ଗ୍ରହ କହିଲେ ଅଚ୍ୟୁତଙ୍କ ଠାର ଅନୁସାରେ ନଅ, ମନ କହିଲେ ପାଞ୍ଚମନ ୯+୫=୧୪ । ଗୋରା କହିଲେ ଇଂରେଜ, ଗୁଣ କହିଲେ ସତ୍ତ୍ୱ ରଜ ତମ ତିନିଗୁଣ ଅର୍ଥାତ୍ ୩, ଇଂରାଜୀ ତୃତୀୟ ମାସ ମାର୍ଚ୍ଚ ମାସ । ତ୍ରିଦେବୀଙ୍କ ଆହ୍ୱାନ କହିଲେ ତ୍ରିଶକ୍ତିଙ୍କ ଶାନ୍ତି ଅର୍ଥେ ଯଜ୍ଞାନୁଷ୍ଠାନ । ମନୁ କହିଲେ ଚତୁର୍ଦ୍ଦଶ ମନୁ, ସେଥିରୁ ବେନି ଫେଡିବା ଅର୍ଥ ୧୪-୨=୧୨ । ଅଚ୍ୟୁତ କହିଲେ ରାମରେ ୧୨ ତାରିଖକୁ ଜଗି ରହିଥିବୁ । କାରଣ ସେହି ବାର ତାରିଖରେ ଯଜ୍ଞର ଶୁଭାଧିବାସ ହେବ । ଭକ୍ତମାନେ ମଥାରେ ପୂର୍ଣ୍ଣକୁମ୍ଭ ଧାରଣ କରିବେ । ସେଦିନ ବସନ୍ତ ମାସ ଅର୍ଥାତ୍ ଫାଲଗୁନ ମାସ ପଣ୍ଡିତବାର କହିଲେ ବୁଧବାର ହୋଇଥିବ । ପାପନାଶିନୀ ଏକାଦଶୀ ତିଥିରେ ଭକ୍ତମାନେ ଏକମନ ହୋଇ କାର୍ଯ୍ୟ ବାହି ନେଉଥିବେ । ପକ୍ଷ ଅନ୍ତ ତିଥି ଦିବସ କହିଲେ ପକ୍ଷର ଶେଷ ଦିନ ପୂର୍ଣ୍ଣିମା ବା ଅମାବାସ୍ୟା ତିଥି ହୋଇଥାଏ, ତେବେ ଅଙ୍କ ହିସାବରେ ତାହା ପଞ୍ଚଦଶ ଦିବସ ଅର୍ଥାତ୍ ୧୫, ପରଅଙ୍କ ଫିରଙ୍ଗୀ କହିଲେ ୧୫ର ପରବର୍ତ୍ତୀ ଅଙ୍କ ୧୬ । ୧୬ ତାରିଖ ଗ୍ରହରାଜ ଶନିବାର ଦିନ ପୂର୍ଣ୍ଣାହୁତି ହେବ । ଦଶଅବତାରର ଆଦ୍ୟ ଅବତାର ହେଉଛନ୍ତି ମତ୍ସ୍ୟ । ମୀନ ଦୁଇ ଦିନ ଭୋଗ ହେଉଥିବ । ଆଦିତ୍ୟ ବାସର କହିଲେ ରବିବାର ପୂର୍ଣ୍ଣିମା । ବ୍ରହ୍ମ ଦକ୍ଷିଣରେ ଚତୁର୍ଦ୍ଧାମୂର୍ତ୍ତି କହିଲେ, ଏକ ବ୍ରହ୍ମ ୧ ଦକ୍ଷିଣରେ ୪ ଅର୍ଥାତ୍ ୧୪, ସାଗରେ ଗୁଣ ଗୁଣି, ସାଗର କହିଲେ ସପ୍ତ ସାଗର, ଗୁଣ କହିଲେ ୩ । ୭×୩=୨୧, ୧୪୨୧ ସାଲ । ପରମ ପୁରୁଷ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ କେଶବ ନାରାୟଣଙ୍କର ଶ୍ରୀପାଦୁକାଙ୍କୁ ଶୁଦ୍ଧ ଜଳରେ ଅଭିଷେକ କରାଯିବ । ଦୁଷ୍ଟଜନମାନେ ଗର୍ବରେ ମାତି ଉପହାସ କରିବେ । ଅନାଗ୍ରହରେ ହେଉପଛେ, ଶ୍ରୀକେଶବଙ୍କୁ ଦର୍ଶନ କରି ଭବସାଗରରୁ ତରିଯିବେ । ଆଉ ଯିଏ ମନରୁ

ଅବିଶ୍ୱାସ ଦୂର କରି ପ୍ରଭୁଙ୍କର ଶରଣ ପଶିବ, ତାର କୋଟି ଜନ୍ମର ପାପ ଜଳିଯିବ । ସମସ୍ତ ଦୁଃଖକୁ ପ୍ରେମମୟ ଠାକୁରେ ହରଣ କରିନେବେ ।

ହେ ଉପସ୍ଥିତ ସଦାତ୍ମାଗଣ ! ଆଜି ସେହି ଶୁଭ ଦିନ ୧୪୨୧ ସାଲ ଇଂରାଜୀ ୨୦୧୪ ମସିହା ମାର୍ଚ୍ଚ ମାସ ୧୨ ତାରିଖରୁ ୧୬ ତାରିଖ ପାପନାଶିନୀ ଏକାଦଶୀ ତିଥିରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଯେଉଁ ମହାଜାଗତିକ ଯଜ୍ଞାନୁଷ୍ଠାନ ଓ ସତ୍‌ସଂଗ ଅନୁଷ୍ଠିତ ହେଉଛି, ଏଥିରେ କାୟମନ ବାକ୍ୟରେ ପୂର୍ଣ୍ଣ ପ୍ରାଣରେ ସାମିଲ ହୋଇ କଳି ଅବତାର ପୂର୍ଣ୍ଣବ୍ରହ୍ମଙ୍କର ସାନ୍ନିଧ ଲାଭ କରି ଆସନ୍ତୁ ଜନ୍ମ ଓ ଜୀବନକୁ ସାର୍ଥକ କରିବା । ଏହି ଯଜ୍ଞ ସ୍ଥଳରେ ସୂକ୍ଷ୍ମରେ ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀ ଉପସ୍ଥିତ ଅଛନ୍ତି । ଯେଉଁ ଭକ୍ତମାନେ ଏଠାରେ ଉପସ୍ଥିତ ଅଛନ୍ତି, ସେମାନଙ୍କୁ ଏକାଧାରରେ ଧନ, ବିଦ୍ୟା ଓ ଶକ୍ତି ପ୍ରାପ୍ତ ହେବ ।

ଶେଷରେ ସେଇ କରୁଣାଘନ, ଆନନ୍ଦକନ୍ଦ, ସଚ୍ଚିଦାନନ୍ଦ ପ୍ରଭୁପାଦ ଗୁରୁସ୍ୱାମୀଙ୍କ ପରମ ପାବନ ଛନ୍ଦା ଚରଣରେ ଏତିକି ଅଳି -

"ହେ ପରମପ୍ରେମମୟ, ପରମ କାରୁଣିକ, ଭକ୍ତ ବତ୍ସଳ, ଭାବଗ୍ରାହୀ ଶ୍ରୀଶ୍ରୀଶ୍ରୀ କେଶବ ଚନ୍ଦ୍ର !!! ଅବୋଧ ସନ୍ତାନର ସମସ୍ତ ଅପରାଧକୁ କ୍ଷମାକରି ତୁମରି ମହତୀ ଇଚ୍ଛାରେ ଯୁଗଲୀଳାରେ ସହଭାଗୀ କରାଇ ମନୁଷ୍ୟ ଜନ୍ମକୁ ଆମର ସାର୍ଥକ କରନ୍ତୁ । ତୁମରି ବାହୁଛାୟା ତଳେ ଆମକୁ ଅଭୟ ଶରଣ ଦିଅନ୍ତୁ । ତୁମରି ଇଚ୍ଛା ତଥା ଉଦ୍ଦେଶ୍ୟ ପୂର୍ଣ୍ଣ ହେଉ ।

ଅଳମତି ବିସ୍ତରେଣ

ଶ୍ରୀକେଶବାର୍ପଣମସ୍ତୁ !!!

**ଶ୍ରୀ କେଶବ ଶରଣଂ ! ଶ୍ରୀ କେଶବ ଶରଣଂ !! ଶ୍ରୀ କେଶବ ଶରଣଂ !!!**

**କ୍ଷିତିଜ୍ୟୋତିଃ ଆଶ୍ରମ, ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ,**
**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ପରିବାର,**
**ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି:କଟକ, ଓଡ଼ିଶା ।।**

ଆମର ଲକ୍ଷ୍ୟ : ପ୍ରେମ ପ୍ରାପ୍ତି